# ତହସିଲ କାର୍ଯ୍ୟାଳୟ,ଖପ୍ରାଖୋଲ, ଜିଲ୍ଲା – ବଲାଙ୍ଗିର

ବିଜ୍ଞାପନ ସଂଖ୍ୟା - ୧୨୫୪ ତା. – ୨୨.୦୮.୨୦୨୨

## ଲଘୁଖଣିଜ ଦ୍ରବ୍ୟ ନିଲାମ ନିମନ୍ତେ

## ବିଜ୍ଞାପନ

( ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୦୪ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୧୬ ଅନୁଯାୟୀ )

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଖପ୍ରାଖୋଲ ତହସି ଅନ୍ତର୍ଗତ ଚିଟୀକାମାଲ ପଥର ଖାଦାନ ଓ ଗୌଡପାଳି ବାଲି ଖାଦାନ (ସୈରାତ ଉତ୍ସ) ର ଅନୁନ୍ୟ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତି, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୧୬ରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ (Form-M) ପୂରଣ କ ଏହାର ତିନିକିତା କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀ କାର୍ଯ୍ୟାଳୟରେ ଥିବା Drop Boxରେ ଆସନ୍ତା ତାରିଖ.୨୬ .୦୮.୨୦୨୨ ରିଖ ଠାରୁ .୧୩.୦୯.୨୦୨୨ ରିଖ ସମୟ ସନ୍ଧ୍ୟା ୦୫:୦୦ (ପାଞ୍ଚ) ଘଟିକା ସୁଦ୍ଧା ଜଉମୁଦ ଲଫାପା (Sealed Cover)ରେ ସୈରାତ ଉତ୍ସ ର ନାମ ଲଫାପା ଉପରେ ଉଲ୍ଲେଖିତକରି ପକାଇବେ । ଉକ୍ତ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ଦରଖାସ୍ତ ଗୁଡିକୁ ଉପସ୍ଥିତ ଲିଜ୍ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରା ବ୍ୟକ୍ତିଙ୍କ ସମ୍ମୁଖରେ ତାରିଖ.୧୪.୦୯.୨୦୨୨ ଦିବା୧୧:୦୦ଘଣ୍ଟା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯାଇ ତନଖି କରାଯିବ । ଯଦି ଉକ୍ତ ଦିବସ କୌଣସି କାରଣରୁ ନିଲାମ କାର୍ଯ୍ୟ ଶେଷ ନହୋଇ ପାରେ ତାହେଲେ ତା:୨୦.୦୯.୨୦୨୨ ରିଖରେ ସର୍ବସାଧାରଣ ନୋଟିସ ମାଧ୍ୟମରେ ତହସିଲକାର୍ଯ୍ୟାଳୟ ନୋଟି ବୋର୍ଡରେ ସମସ୍ତଙ୍କ ଅବଗତି ନିମନ୍ତେ ଆବେଦନ ଫର୍ମ ପୂରଣ ପାଇଁ ତାରିଖ ଓ ସମୟ ଜଣାଇ ଦିଆଯିବ ଏବଂ ନିଲାମ କାର୍ଯ୍ୟ ପରିଚାଳିତ ହେବ । ଆବଶ୍ୟକସ୍ଥଳେ କୌଣ କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ ।ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲଟି ମୂଲ୍ୟ ଠାରୁ କମ ମୂଲ୍ୟ ଦର୍ଶାଇ ତାହା ଗ୍ରହଣ ହେବ ନାହିଁଏବଂ ଦରଖାସ୍ତଟି ନାକଚ ହେବ । ଆବେଦିତ ଦରଖାସ୍ତ ଉତ୍ସ ନିମନ୍ତେ ସମାନ ରୟାଲଟି ମୂଲ୍ୟ ଦର୍ଶାଇଲେ, ଲଟେରି ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥି କରାଯିବ । ଏହି ବିଜ୍ଞାପନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା Website-http://balangir.nic.inରେ ଉପଲବ୍ଧ ଅଟେ।

### ଦାଖଲ କରିବାକୁ ଥିବା ଦଲିଲ୍ ଓ କାଗଜାତ୍

୧. ଦରଖାସ୍ତ ଫି ସକାଶେ ଟ.୧୦୦୦.୦୦ (ଏକ ହଜାର ଟଙ୍କା)ର ଟ୍ରେଜେରୀ ଚାଲାଣ
('0853-Non-ferrous mining & Metallurgical 102-mineral Concession fees, rents & royalties-0217-receip under Odisha minor Minerals concession fees (new)-02021-collection of fees, rents & royalties (new)"

୨. ଦରଖାସ୍ତ କରୁଥିବା ସୈରାତ ବାବଦକୁ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ତହସିଲଦାର,ଖପ୍ରାଖୋଲ ଙ୍କ ନାମରେ (Payable at ଖପ୍ରାଖୋଲ) ପ୍ରଦାନ କରିବେ । [EMD i.e. 5% of {Minimum Guaranteed Quantity X (Royalty+ Additional Charges)]

୩. କୌଣସି ମାଇନିଙ୍ଗ ବାବଦକୁ ବକେୟାଦେୟ ନ ଥିବା ନେଇ ଏକ ସତ୍ୟପାଠ ।

୪. Rule 27(IV) of OMMC Rule 2016 ମୁତାବକ 18 ମାସ ପର୍ଯ୍ୟନ୍ତ ଅବଧି ଥିବା ବ୍ୟାଙ୍କ ଗ୍ୟାରେଣ୍ଟି (ଦରଖାସ୍ତକାରୀ ଙ୍କ ନିଜ ନାମରେ ଥିବା ଉଚି ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ {Minimum GuaranteedQuantity X (Royalty +Additional Charges ଠାରୁ ଅଧିକ ହୋଇଥିବ କିମ୍ବା ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସ୍ଥାବର ସମ୍ପତ୍ତିର ପ୍ରମାଣପତ୍ର(Solvency Certificate) ଦାଖଲ କରିବେ । ତାହା ହିସାବ ଯେଉଁ ବ୍ୟକ୍ତି ଯେତେ ଟଙ୍କାର ଅତିରିକ୍ତ ଶୁଳ୍କ (Additional Charges)Form-Mରେ ଦର୍ଶାଇ ଥିବେ ସେହି ଅତିରିକ୍ତ ଶୁଳ୍କ (Additional Charge ମୁତାବକ Bank Guarantee ପ୍ରଦାନ କରିବେ ।

୫. ଆବେଦନ କରିଥିବା ଲିଜ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ସରଜମିନ ପରିଦର୍ଶନ କରି ସଂଲଗ୍ନ କରିବେ ।

୬. ସର୍ବୋଚ୍ଚ ନିଲାମ ଡକାଳି (Successful Bidder )Mining plan and Environmental Clearance ବାବଦକୁ ଦେୟ ପଇଠ କରିବେ ।

(ସର୍ତ୍ତାବଳୀର ବିବରଣୀ ଜିଲ୍ଲାWebsite-http://balangir.nic.in କିମ୍ବା ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ କରି ପାରିବେ)

ତହସିଲଦାର,ଖପ୍ରାଖୋଲ
Tahasildar
Khaprakhol

## ସର୍ତ୍ତାବଳୀ

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୦୪ (OMMC Rule-2004) ଓ OMMC Rule-2016 ପରିସର ଦ୍ବାରା ଚାଳିତ ରହିବେ ।

୨. ପ୍ରଚଳିତ ନିୟମ ଅନୁଯାୟୀ ରୟାଲଟି ଓ ଅତିରିକ୍ତ ଦେୟର (Additional Charges) ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇଥିବା ନିଲାମଧାରିଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବା । ଯଦି ୧ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।

୩. ସର୍ବୋଚ୍ଚ ରୟାଲଟି ଓ ଅତିରିକ୍ତ ଦେୟର (Additional Charges) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ବିତୀୟ ସର୍ବାଧିକ ନୀଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୪. ସରକାରୀ ଭାବେ ଧାର୍ଯ୍ୟ ରୟାଲଟି ଓ ଅତିରିକ୍ତ ଦେୟର (Additional Charges) ଠାରୁ କମ ଦରରେ ଦରଖାସ୍ତ କରିଥିବା ଆବେଦନକାରୀଙ୍କ ଦରଖାସ୍ତ ଖାରଜ କରାଯିବ ।

୫. ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଖଣିଜ ଖଦାନଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଅନ୍ୟାନ୍ୟ ଆନିଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶଗ୍ରହଣ କରିବେ ।

୬. ଲିଜରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୭. ଲିଜ୍ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୮. ସର୍ବୋଚ୍ଚ ଲିଜଧାରୀ ମାଇନିଙ୍ଗ ପ୍ଲାନ (Mining Plan) ତିଆରି କରାଯାଇଥିବା ଖର୍ଚ୍ଚ ବାବଦକୁ ଟ.୪୦୦୦୦/-(ଚାଳିଶ ହଜାର ଟଙ୍କା ) ମାତ୍ର ତହସିଲ ଅଫିସ, ଖପ୍ରାଖୋଲ ଠାରେ ପଇଠ କରିବେ ।

୯. ମାଇନିଙ୍ଗ ପ୍ଲାନ ଦର୍ଶଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ବାରା ଦର୍ଶାଯାଇଥିବା ରୟାଲଟି ଓ ଅତିରିକ୍ତ ଦେୟର (Additional Charges) ରାଶିକୁ ଗୁଣନ କଲେ ଯେଉଁ ପରିମାଣର ଅର୍ଥ ହେବ ଉକ୍ତ ରାଶି Mining Plan ଓ Environmental Clearance ଆଣି ସାରିଲା ପରେ ଦେୟ କରିବେ । ସମ୍ପୂର୍ଣ୍ଣ ରାଶି ପୈଠ ହେଲା ପରେ ଲିଜଧାରୀ ଓଡିଶା ଖଣି ଆକ୍ଟ ୧୯୦୮ ଓ ଷ୍ଟାମ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର (Lease Deed) ସମ୍ପାଦନ କରିବେ ।

୧୦. ଲିଜଧାରୀ ଲିଜ୍ ବାବଦକୁ ରୟାଲଟି ଦେୟର ଶତକଡା ୫ ଭାଗ Environmental Management Fund ତହସିଲଦାରଙ୍କ ପାଖରେ ଦାଖଲ କରିବେ ।

୧୧. ଲିଜଧାରୀ ରୟାଲିଟି ଓ (Additional Charges) ଦେୟର ୧୦% District Mineral Fund ବାବଦକୁ ତହସିଲଦାରଙ୍କ ପାଖରେ ଦାଖଲ କରିବେ

୧୩. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇ ଥିବା ଜମା ରାଶିକୁ ବ୍ୟାଜାପ୍ତ କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

୧୪. ଲିଜଧାରୀ ସୈରାତ ଉପର ନକ୍ସା ଅନୁଯାୟୀ concert pillar ଦ୍ବାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉପର ନକ୍ସା ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବା ସହିତ ବିଜ୍ଞାପନ ଖର୍ଚ୍ଚ ଲିଜଧାରୀ ନିଜେ ବହନ କରିବେ ।

୧୫. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉପରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ ।

୧୬. ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟଦିବସରେ ଦେଖିପାରିବେ ।

୧୭. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଛି ।

୧୮. ଜମା ରୟାଲିଟିର ୨% ଲିଜଧାରୀ ଆୟକର (T.D.S.) ବାବଦକୁ ଚାଲାଣ ଆକାରରେ ଜମା କରିବେ ।

୧୯. ଲିଜଧାରୀଙ୍କୁ ରୟାଲଟି ସହିତ ନିର୍ଦ୍ଧାରିତ Surface Rent ଏବଂ Dead Rent ମଧ୍ୟ ପଇଠ କରିବାକୁ ପଡିବ ।

୨୦. ଲିଜ ଅବଧି ମଧ୍ୟରେ Schedule-II ରେ ଉଲ୍ଲେଖିତ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ଦରର ଅଭିବୃଦ୍ଧି ହେଲେ ଓ ସମ୍ପୃକ୍ତ ଲିଜଧାରୀଙ୍କ ମୂଲ୍ୟାଙ୍କ କରିଥିବା ରୟାଲଟି ଠାରୁ ଅଧିକ ହୋଇଥାଏ ତାହେଲେ ଲିଜଧାରୀ ବର୍ଦ୍ଧିତ ହାରରେ ରୟାଲଟି ଦାଖଲ କରିବେ ।

୨୧. ଧାର୍ଯ୍ୟ ତାରିଖରେ କୌଣସି କାରଣ ବଶତଃ ନିଲାମ ହୋଇ ନ ପାରିଲେ କର୍ତ୍ତୃପକ୍ଷ ଦାୟୀ ନୁହନ୍ତି । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ ରଦ୍ଦ କରିପାରିବେ ।

ତହସିଲଦାର,ଖପ୍ରାଖୋଲ
Tahasildar
Khaprakhol

ଜ୍ଞାପନ ସଂଖ୍ୟା- ୧୨୫୫ ତାରିଖ-୨୨.୦୮.୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର /ଉପଜିଲ୍ଲାପାଳ, ପାଟଣାଗଡ /ଗୋଷ୍ଠି ଉନ୍ନୟନ ଅଧିକାରୀ ଖପ୍ରାଖୋଲ,ପାଟଣାଗଡ,ବେଲପଡା ତହସିଲଦାର, ପାଟଣାଗଡ,ବେଲପଡା / ଭାରପ୍ରାପ୍ତ ଥାନା ଅଧିକାରୀ,ଖପ୍ରାଖୋଲ,ଲଉମ୍ଭା, ପାଟଣାଗଡ, ବେଲପଡା, ଲାଠୋର ଙ୍କ ଅବଗତି ସଙ୍ଗେ ସର୍ବସାଧାରଣଙ୍କ ଅବଗତି ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲରାଜସ୍ୱ ନିରୀକ୍ଷକ,ଲାଠୋର/ଖପ୍ରାଖୋଲ/ଡେଲେଇପାଲି /ନାନ୍ଦୁପଲା/ଧଣ୍ଡାମୁଣ୍ଡା/ଲୁହାସିଙ୍ଘା /ସମ୍ପୃକ୍ତ ଗ୍ରାମ / ଗ୍ରାମ ପଞ୍ଚାୟତ ଅବଗତି ତଥା କାର୍ଯ୍ୟାଳୟନୋଟିସ ବୋର୍ଡରେସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ,ଖପ୍ରାଖୋଲ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

ତହସିଲଦାର,ଖପ୍ରାଖୋଲ
Tahasildar
Khaprakhol

ଜ୍ଞାପନ ସଂଖ୍ୟା-୧୨୫୬ ତାରିଖ- ୨୨.୦୮.୨୦୨୨

ଏହାର ଏକକିତା ନକଲ District Informatics Officer,NIC,Balangir କୁ **http://balangir.nic.in**ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବଲାଙ୍ଗିରଙ୍କ କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ ବୋର୍ଡରେ ପ୍ରକାଶନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,ଖପ୍ରାଖୋଲ
Tahasildar
Khaprakhol

## ସୈରାତ ଉତ୍ସର ତାଲିକା

| କ୍ର. ନଂ. | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | ଉକବା | | ସର୍ବନିମ୍ନ ରୟାଲଟି ମୂଲ୍ୟ(per cum) ଟଙ୍କାରେ | ଅତିରିକ୍ତ ଦର | MGQ ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ପଥର ପରିମାଣ (in cum) | ଅଗ୍ରୀମଦାଖଲ କରିବାକୁ ଥିବା ଅମାନତରାଶି Earnest Money ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|
| | | | | | ଏକର | ହେକ୍ଟର | | | | |
| ୧. | ପଥରଦାନ | ଚିଟୀକାମାଲ | ୪୨ | ୧୧୨ | ୦.୬୬ | ୦.୨୬୭ | ୧୩୦.୦୦ | ୭୦.୦୦ | ୭୩୧ | ୭୩୧୦.୦୦ |
| ୨. | ବାଲି ଖାଦାନ | ଗୌଡପାଲି | ୯୯ | ୬୨୯/୮୫୯<br>୬୨୯ | ୧୦.୦୦<br>୨.୦୦<br>ମୋଟ<br>୧୨.୦୦ | ୪.୮୫୬ | ୩୫.୦୦ | ୫୦.୦୦ | ୨୬୦୦ | ୧୧୦୫୦.୦୦ |

ତହସିଲଦାର,ଖପ୍ରାଖୋଲ
Tahasildar
Khaprakhol